# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ
## ବଜେଟ – ୨୦୨୨-୨୩

୨୦୨୨ ୨୩-ଆର୍ଥିକ ବର୍ଷ ପାଇଁ ମୋଟ୍ ୨୨ ହଜାର ୭ ଶହ ୩୪ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟ ଅଟକଳହୋଇଛି। ତନ୍ମଧ୍ୟରୁ୧୭ ହଜାର ୫ ଶହ ୭୩ କୋଟି ୭୯ ଲକ୍ଷ ଟଙ୍କା ଯୋଜନା ସମ୍ବନ୍ଧୀୟ ବ୍ୟୟ ବାବଦ ରେ ଏବଂ ୪୨୯ କୋଟି ୫୫ ଲକ୍ଷ ଟଙ୍କା ପ୍ରଶାସନିକ ବ୍ୟୟ ବାବଦରେ ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଅଛି । ପୁନଶ୍ଚ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅଧୀନରେ ୨ ହଜାର ୮୨ କୋଟି ୪୬ ଲକ୍ଷ ଟଙ୍କା ଏବଂ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅଧୀନରେ ୨ ହଜାର ୬ ଶହ ୪୯ କୋଟି ୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

୧. <u>ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)</u>

ଏହି ଯୋଜନାରେ ପକ୍କାଗୃହ ନିର୍ମାଣ ସହାୟତା ରାଶି ଅନ୍ତର୍ଭୁକ୍ତ ବା IAP ଜିଲ୍ଲାମାନଙ୍କ ପାଇଁ ୧.୩ ଲକ୍ଷ ଟଙ୍କା ହୋଇଥିବାସ୍ଥଳେ ଅଣ ସମନ୍ୱିତ କାର୍ଯ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ବା Non-IAP ଜିଲ୍ଲାମାନଙ୍କରେ ୧.୨ ଲକ୍ଷ ଟଙ୍କା ଅଟେ।

୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଇଁ ହୋଇଥିବା ବ୍ୟୟ ବରାଦରୁ୧୧୩୮.୦୨ କୋଟି ଟଙ୍କା ବ୍ୟୟ କରାଯାଇ ମୋଟ ୧,୦୫,୩୭୭ ବାସଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି। ଆର୍ଥିକ ବର୍ଷ ୨୦୨୨-୨୩ ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୫୫୦୫.୮୪ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି।

<u>ବିଜୁ ପକ୍କା ଘର ଯୋଜନା</u>

ବିଜୁ ପକ୍କା ଘର ଯୋଜନାରାଜ୍ୟ ସରକାରଙ୍କ ନିଜସ୍ୱ କାର୍ଯ୍ୟକାରୀହେଉଥିବା ଯୋଜନା I

ଏହି ଯୋଜନାରେ କଚ୍ଚା ଘରେ ବସବାସ କରୁଥିବା ନିମ୍ନ ବର୍ଗର ଯୋଗ୍ୟ ପରିବାରଙ୍କୁ ୨୫ ବର୍ଗ ମିଟର ବିଶିଷ୍ଟ ପକ୍କା ଘର ନିର୍ମାଣ କରିବା ପାଇଁ ଗୃହ ମଞ୍ଜୁର କରାଯାଇଥାଏ ।ପ୍ରାକୃତିକ/ମନୁଷ୍ୟକୃତ ଦୁର୍ବିପାକ ଯେପରିକି- ଘରପୋଡି, ବନ୍ୟା, ବାତ୍ୟା, ଭୂମିକମ୍ପ, ହାତୀ ଉପଦ୍ରବ, ଗୋଷ୍ଠୀ କନ୍ଦଳ, କୌଣସି ଆଇନ ଏବଂ ଶୃଙ୍ଖଳା ପରିସ୍ଥିତି ହେତୁ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମୀଣ ପରିବାରଙ୍କୁ ପକ୍କା ଘର ଯୋଗାଇ ଦେବା ଏହି ଯୋଜନାର ଲକ୍ଷ । ଗ୍ରାମୀଣ ଗୃହ ନିର୍ମାଣ ଯୋଜନା ଅନ୍ତର୍ଗତ ସମସ୍ତ ଯୋଜନାରେ ୪ ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରୁଥିବା ହିତାଧିକାରୀଙ୍କୁ ଯଥାକ୍ରମେ ଟ. ୨୦,୦୦୦/- ଓ ଟ. ୧୦,୦୦୦/- ର ପ୍ରୋତ୍ସାହନ ରାଶି ପ୍ରଦାନ ରାଜ୍ୟ ପାଣ୍ଠିରୁ ପ୍ରଦାନ କରାଯାଉଛି।

୨୦୨୧-୨୨ଆର୍ଥିକ ବର୍ଷ ନିମନ୍ତେ ବିଜୁ ପକ୍କା ଘର ଯୋଜନା ପାଇଁ ହୋଇଥିବା ବ୍ୟୟ ବରାଦରୁ୯୧୫.୧୪ କୋଟି ଟଙ୍କା ବ୍ୟୟ କରାଯାଇ ମୋଟ ୧,୯୧୦ ବାସଗୃହ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ଓ ୨୨,୪୬,୮୦୭ ପରିବାରଙ୍କୁ ଗୃହ ମରାମତି ଅର୍ଥ ୩ ହଜାର (ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ପରିବାର) ଓ ୫ ହଜାର ଟଙ୍କା ଲେଖାଏ (ଅଦ୍ୟାବଧି ଗୃହ ମଞ୍ଜୁର ହୋଇନଥିବା ଓ ଗୃହ ମଞ୍ଜୁର ପାଇଁ ଚିହ୍ନିତ ହୋଇଥିବା ପରିବାର) ପ୍ରଦାନ କରାଯାଇଛି। ଆର୍ଥିକ ବର୍ଷ ୨୦୨୨-୨୩ ନିମନ୍ତେ ବିଜୁ ପକ୍କା ଘର ଯୋଜନାରେ ୪୦୦ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି।

୨. **<u>ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା</u>**: ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ଗୋଟେ ଆର୍ଥିକ ବର୍ଷରେ ୧୦୦ ଦିନ ପର୍ଯ୍ୟନ୍ତ ଅଣକୁଶଳୀ କାର୍ଯ୍ୟ ଯୋଗାଇଦେବା ଦ୍ୱାରା ନିର୍ଦ୍ଧିଷ୍ଟମାନର ଦୀର୍ଘସ୍ଥାୟୀ ଉତ୍ପାଦନକ୍ଷମ ସମ୍ପତ୍ତି ସୃଷ୍ଟି କରିବା ଏହି ଯୋଜନାର ଉଦ୍ଦେଶ୍ୟ । ଏହି ଯୋଜନାରେ ୨୦୨୧ -୨୨ ଆର୍ଥିକ ବର୍ଷରେ ସାରା ରାଜ୍ୟରେ ୨୪ଶହ ୭୪ କୋଟି ଟଙ୍କା ବିନିଯୋଗ କରାଯାଇ ୧୯ କୋଟି ୭୮ ଲକ୍ଷ୍ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଆର୍ଥିକ ବର୍ଷ ୨୦୨୨-୨୩ ନିମନ୍ତେMGNREGS ଯୋଜନାରେ ୨୦୦୦ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଅଛି। ସେହିପରି ରାଜ୍ୟ ବଜେଟରୁ ୪ ଟି ଜିଲ୍ଲା ଯଥା ବରଗଡ,ବଲାଙ୍ଗିର, କଳାହାଣ୍ଡି ,ନୂଆପଡାର କୋଡିଏଟି ଦାଦନ ପ୍ରବଣ ବ୍ଲକରେ ଅତିରିକ୍ତ ୨୦୦ ଦିନର କାର୍ଯ୍ୟ ଓ ସର୍ବନିମ୍ନ ମଜୁରିର ସ୍ୱତନ୍ତ୍ର ପ୍ୟାକେଜ ପାଇଁ ୫୦୦ କୋଟି ଟଙ୍କାର ଏକ ନୂତନ ଯୋଜନା (State support to MGNREGS ) କାର୍ଯ୍ୟକାରୀ କରାଯାଉଅଛି । ୨୦୨୧-୨୨ ଆର୍ଥିକ ବର୍ଷରେ ୬୭,୨୬୩ ପରିବାରକୁ ସମ୍ପୂର୍ଣ ଶହେ ଦିନର କାର୍ଯ୍ୟ , ୧୩,୨୦୫ ପରିବାରକୁ ୨୦୦ ଦିନର କାର୍ଯ୍ୟ ଓ ୫୧୭ଟି ପରିବାରକୁ ୩୦୦ ଦିନର କାର୍ଯ୍ୟ ଯୋଗାଇ ଦିଆ ଯାଇଛି ।

୩.**<u>ଦିନ ଦୟାଲ ଉପାଧାୟ ଗ୍ରାମୀଣ କୌଶଳ ଯୋଜନା</u>**:

ଗ୍ରାମାଞ୍ଚଳ ଗରିବ ଯୁବକ ଯୁବତୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭରଶୀଳ କରାଇ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଦାରିଦ୍ର୍ୟ ଦୂରୀକରଣ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୩୦,୧୭୧ ଜଣ ଯୁବକ ଯୁବତୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି ।

ଚଳିତ ଆର୍ଥିକ ବର୍ଷ ୨୦୨୨ -୨୩ ନିମନ୍ତେ ଏହି ଯୋଜନାରେ ୮୬ କୋଟି ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଛି ।

**<u>୪. ଶ୍ୟାମା ପ୍ରସାଦ ମୁଖାର୍ଜୀ ରୁର୍ବାନ୍ ଯୋଜନା :</u>**

୨୦୧୫ ସେପ୍ଟେମ୍ବର କେନ୍ଦ୍ର କ୍ୟାବିନେଟ ଦ୍ୱାରା ଆରମ୍ଭ ହୋଇଥିବା ଶ୍ୟାମା ପ୍ରସାଦ ମୁଖାର୍ଜୀ ରୁର୍ବାନ୍ ଯୋଜନାରେ ଗ୍ରାମାଞ୍ଚଳରେ ସହରାଞ୍ଚଳର ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ଓଡିଶାର ୧୪ଟି ରୁର୍ବାନକ୍ଲଷ୍ଟରକୁ (ଗ୍ରାମପୁଞ୍ଜ) ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ କରାଯାଇଛି । ଏତଦ୍ୱାରାହସ୍ତତନ୍ତ୍ର ଶିଳ୍ପ, କୃଷି ସଂସ୍ଥାନ ଓ କୃଷିଜାତ ଦ୍ରବ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରସ୍ତୁତ କରାଯାଇ ଆୟ ସୃଷ୍ଟି କରିବା ନିମନ୍ତେ ଓରମାସ୍ ବିଭିନ୍ନ ପ୍ରଚାରପତ୍ର ମାଧ୍ୟମରେ ଓ କ୍ଲଷ୍ଟର ଦ୍ୱାରା ଉତ୍ପାଦିତ ସାମଗ୍ରୀ ଗୁଡିକର ପ୍ରଦର୍ଶନ ପାଇଁ ପ୍ରତିବର୍ଷ ଶିଶିର ସରସ ମେଳା ଆୟୋଜନ କରାଯାଉଅଛି ।

୨୦୨୨-୨୩ଆର୍ଥିକ ବର୍ଷ ପାଇଁ ଏହି ଯୋଜନା ନିମନ୍ତେ ୮୦କୋଟି ଟଙ୍କା ର ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଅଛି ।

**<u>୫. ଗ୍ରାମୀଣ ଜଳଯୋଗାଣ ଓ ପରିମଳ</u>** :

ରାଜ୍ୟର ଗ୍ରାମାଞ୍ଚଳରେ ଆଜି ସୁଦ୍ଧା ୪,୭୬,୦୫୦ ଗୋଟି ନଳକୂପ ତଥା ପରିମଳ କୂପ ସ୍ଥାପନ ଏବଂ ୧୩,୮୪୮ ଗୋଟି ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ ହୋଇଅଛି। ରାଜ୍ୟରେ ଅଦ୍ୟାବଧି ୧୨୮୭୩ ଗୋଟି ସୌର ଚାଳିତ ଜଳଯୋଗାଣ ପ୍ରକଳ୍ପ ସମ୍ପୂର୍ଣ ହୋଇଅଛି ଏବଂ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୩୩୮୬ ଗୋଟି ସୌରଚାଳିତ ଜଳଯୋଗାଣ ପ୍ରକଳ୍ପର କାର୍ଯ୍ୟ ଚାଲୁଅଛି ।ଏତଦବ୍ୟତୀତ  ୩୧୦୩ ଗୋଟି ସୌର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଅଛି ।

୨୦୨୨ -୨୩ ଆର୍ଥିକ ବର୍ଷରେ ୧୭,୭୩,୨୪୪  ଗ୍ରାମୀଣ ପରିବାରଙ୍କୁ ଟ୍ୟାପ ସଂଯୋଗୀକରଣ କରାଯାଇ ପାଇପ ଜଳଯୋଗାଣ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟକରାଯାଇଛି । ଅଦ୍ୟାବଧି ରାଜ୍ୟର ୪୩,୮୬,୭୫୯ ଗ୍ରାମୀଣ ପରିବାରଙ୍କୁ ଟ୍ୟାପ ସଂଯୋଗୀକରଣ କରାଯାଇ ପିଇବା ପାଣି ଦିଆଯାଉଅଛି।

ଉପକୂଳବର୍ତୀ  ଜିଲ୍ଲାର ୪୧ ଗୋଟି ଫ୍ଲୋରାଇଡ ପ୍ରଭାବିତ ଗ୍ରାମ, ୨୬ ଗୋଟି ଲବଣ ପ୍ରଭାବିତ ଗ୍ରାମ ଓ ୧୯୭୨ ଗୋଟି ପଡାଗ୍ରାମରେଲୌହଯୁକ୍ତ ଜଳର ସମସ୍ୟା  ରହିଛି।ଫ୍ଲୋରାଇଡ ପ୍ରଭାବିତ ଗ୍ରାମର ନଳକୂପରେ ଫ୍ଲୋରାଇଡ ନିରାକରଣ ଯନ୍ତ୍ର , ଲବଣ ପ୍ରଭାବିତ ଗ୍ରାମର ନଳକୂପରେ ସାଲାଇନସିଲିଙ୍ଗ,ଲୌହଯୁକ୍ତ ଜଳ ନିର୍ଗତ ହୋଇଥିବା ନଳ କୂପରେ ଲୌହ ନିରାକରଣ ଯନ୍ତ୍ର ସ୍ଥାପନ କରି ସାମୟିକ ଭାବେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଅଛି ।

ଏତଦ୍ବ୍ୟତୀତ ୨୦୯ ଗୋଟି ବୃହତ୍ତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇଛି। ଏଥି ମଧ୍ଯରୁ ୧୦ ଗୋଟି ପ୍ରକଳ୍ପ ସମ୍ପୂର୍ଣ ହୋଇଅଛି , ୧୩୨ ଗୋଟି ପ୍ରକଳ୍ପର କାର୍ଯ୍ୟ ଚାଲୁଅଛି ଏବଂ ଅବଶିଷ୍ଟ ପ୍ରକଳ୍ପ ଗୁଡିକ ଟେଣ୍ଡର ଆହ୍ୱାନ ସ୍ତରରେ ଅଛି।

ଏହି କ୍ରମରେ ୨୦୨୨ -୨୩ ବର୍ଷ ପାଇଁ ଜଳ ଜୀବନ ମିଶନ ପାଇଁ ୬୦୦୦.୦୦ କୋଟି, ବସୁଧା ପାଇଁ ୮୫୦.୦୦ କୋଟି ଏବଂ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆର.ଆଇ . ଡି . ଏଫ ) ନିମନ୍ତେ ୧୦୦୦.୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି OMBADC ରେ ୫୦୦.୦୦ କୋଟି ଓ DMF ରେ ୫୦୦.୦୦ କୋଟି ଟଙ୍କାର ଲକ୍ଷ୍ୟ ରଖାଯାଇଅଛି ।

## ୭. <u>ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ</u>

- ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କର ସଶକ୍ତିକରଣ ନିମନ୍ତେ ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗ ରାଜ୍ୟର ସମସ୍ତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଯଥା ଗ୍ରାମପଞ୍ଚାୟତ , ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ପାଇଁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି ।
- ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ଅନୁଦାନ (ଆବଦ୍ଧ  ଓ ଅନାବଦ୍ଧ ) ରାଜ୍ୟର ଗ୍ରାମପଞ୍ଚାୟତ , ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ମଧ୍ୟରେ ୭୦:୨୦:୧୦ ଅନୁପାତରେ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଅଛି ।

- ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ମୋଟ ଅନୁଦାନର ୪୦ ପ୍ରତିଶତ ମୌଳିକ ବାଅନାବଦ୍ଧ ଅନୁଦାନ ଅଟେ ଯାହାକୁ ସ୍ଥାନୀୟ ଆବଶ୍ୟକତା ଅନୁସାରେ ବିନିଯୋଗ କରାଯାଇପାରିବ । ବଳକା ୬୦ ପ୍ରତିଶତ ଅନୁଦାନ ଆବଦ୍ଧ ଅନୁଦାନ ଅଟେ ଯାହାକୁ ପରିମଳ , ପାନୀୟ ଜଳ ଯୋଗାଣ , ବର୍ଷା ଜଳ ଅମଳ ଇତ୍ୟାଦି କାର୍ଯ୍ୟ ପାଇଁ ବିନିଯୋଗ କରାଯାଇପାରିବ ।
- ୨୦୨୧-୨୨ ଆର୍ଥିକ ବର୍ଷରେ ୧୬୬୯ କୋଟି ଟଙ୍କା (ଆବଦ୍ଧ ଓ ଅନାବଦ୍ଧ ) ରାଜ୍ୟର ପଞ୍ଚାୟତି ରାଜ ଅନୁଷ୍ଠାନମାନଙ୍କୁ ପ୍ରଦାନ କରଯାଇଥିଲା ।
- ଅଧିକନ୍ତୁ , ୨୦୨୧-୨୨ ଆର୍ଥିକ ବର୍ଷରେ ୩୫୪.୨୧ କୋଟି ଟଙ୍କା ପଞ୍ଚଦଶ କେନ୍ଦ୍ର ଅର୍ଥ ଆୟୋଗଙ୍କ ସ୍ୱାସ୍ଥ୍ୟ ସହାୟତା ଅନୁଦାନ ଜିଲ୍ଲା ପରିଷଦ ଓ OSH(ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ)&FWS( ପରିବାର କଲ୍ୟାଣ ସମାଜ) କୁ ପ୍ରଦାନ କରାଯାଇଛି ।
- ୨୦୨୨-୨୩ ଆର୍ଥିକ ବର୍ଷରେପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ ଅଧୀନରେ ୨ ହଜାର ୮୨ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଅଛି ।

**ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (ହସ୍ତାନ୍ତରଣ ପାଣ୍ଠି )**

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ରାଜ୍ୟ ସରକାର ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତି ରାଜ ଅନୁଷ୍ଠାନଗୁଡିକୁ୬୦: ୩୦: ୧୦ ଅନୁପାତରେ ଯଥାକ୍ରମେ ଗ୍ରାମ ପଞ୍ଚାୟତ (୫୪୯.୦୫ କୋଟି ),ପଞ୍ଚାୟତ ସମିତି(୨୭୪.୫୩ କୋଟି) ଓଜିଲ୍ଲା ପରିଷଦକୁ(୯୧.୫୧ କୋଟି) ହସ୍ତାନ୍ତରଣ ପାଣ୍ଠି ଅନୁଦାନର ବ୍ୟବସ୍ଥା କରିଛନ୍ତି । ରାଜ୍ୟର ଅନୁସୂଚିତ ଜନଜାତି ବହୁଳଗ୍ରାମପଞ୍ଚାୟତମାନଙ୍କୁ ୨୫ ପ୍ରତିଶତ ଅଧିକ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଯାଇଛି । ଏହି ଅନୁଦାନ ଆବଶ୍ୟକତାଅନୁସାରେ ଗୋଷ୍ଠୀ ଭିତ୍ତିକ ପ୍ରକଳ୍ପ ଗୁଡିକରେ ବିନିଯୋଗ କରାଯିବ ।

**ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ (ଶୁଳ୍କ ସମର୍ପଣ):**

- ୨୦୨୧-୨୨ ଆର୍ଥିକ ବର୍ଷରେ ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି ମାନଙ୍କର ପାରିତୋଷିକ,ବୈଠକି ଭତ୍ତା ପ୍ରଦାନ ନିମନ୍ତେ ୮୧.୩୩ କୋଟି ଅର୍ଥ ପ୍ରଦାନ କରାଯାଇଛି ।
- ସଡକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ ନିମନ୍ତେ ଅନୁମୋଦିତ ୩୩୭୮ ଗୋଟି ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ ପାଇଁ ୧୦୦.୬୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

**ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ସହାୟକ ଅନୁଦାନ :୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ନିମ୍ନଲିଖିତ ବଜେଟ ପାଇଁ ପ୍ରସ୍ତାବ ରଖାଯାଇଛି ।**

1. ପଞ୍ଚମ ରାଜ୍ୟ ଅର୍ଥ ଆୟୋଗଙ୍କ ହସ୍ତାନ୍ତରଣ ପାଣ୍ଠି– ୯୧୫.୦୯ କୋଟି ଟଙ୍କା
2. ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି ମାନଙ୍କରପାରିତୋଷିକ, ବୈଠକି ଭତ୍ତା – ୮୩କୋଟି ଟଙ୍କା
3. ସଡକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ (out of M.V tax)- ୧୦୮.୬୫ କୋଟି ଟଙ୍କା

4. ରାସ୍ତା ଆଲୋକିକରଣ– ୫୬.୬୭ କୋଟି ଟଙ୍କା
5. ପୁଞ୍ଜି ସମ୍ପତି ରକ୍ଷଣାବେକ୍ଷଣ – ୫୮.୩୩ କୋଟି ଟଙ୍କା
6. ରାଜସ୍ୱ ଆୟ ନିମିତ୍ତ ପୁଞ୍ଜି ସମ୍ପତି ସୃଷ୍ଟି – ୧୪୧.୬୭ କୋଟି ଟଙ୍କା
7. ଗ୍ରାମପଞ୍ଚାୟତ ମୁଖ୍ୟ ଦପ୍ତରରେ ସୁବିଧା ବ୍ୟବସ୍ଥା – ୧୧୩.୩୦ କୋଟି ଟଙ୍କା
8. ଜଳବିଭାଜିକା ଗୁଡିକର ଉନ୍ନତିକରଣ ଓ ସଂରକ୍ଷଣ – ୨୦.୮୩ କୋଟି ଟଙ୍କା
9. ନିରାପଦ ପାନୀୟ ଜଳ ଯୋଗାଣ —୧୨୫ କୋଟି ଟଙ୍କା
10. ନଳକୂପ ପଦ୍ଧତି (ସୌର ଶକ୍ତି ) – ୪୧.୬୭ କୋଟି ଟଙ୍କା
11. ସବୁଦିନିଆ ପାଣିପାଗ ସଂଯୋଗୀକରଣ – ୯୭.୬୯ କୋଟି ଟଙ୍କା
12. ଗ୍ରାମ୍ୟ ହାଟ ଉନ୍ନତିକରଣ – ୫୦ କୋଟି ଟଙ୍କା
13. ପ୍ରାଥମିକ ବିଦ୍ୟାଳୟ ଗୃହ ରକ୍ଷଣାବେକ୍ଷଣ – ୫୨.୩୩ କୋଟି ଟଙ୍କା

ଅଧିକନ୍ତୁ , ୨୦୨୨-୨୩ ଆର୍ଥିକ ବର୍ଷରେ ନିମ୍ନଲିଖିତ ଅର୍ଥ ରାଶି ବ୍ୟୟ ବରାଦ ପ୍ରସ୍ତାବ ରଖାଯାଇଅଛି ।

ଆବାସିକ କୋଠାବାଡି ନିର୍ମାଣ -- ୧୫ କୋଟି ଟଙ୍କା

ଅଣ-ଆବାସିକ କୋଠାବାଡି ନିର୍ମାଣ – ୩୦ କୋଟି ଟଙ୍କା

ଆବାସିକ କୋଠାବାଡି ରକ୍ଷଣାବେକ୍ଷଣ –୧୨ କୋଟି ଟଙ୍କା

ଅଣ-ଆବାସିକ କୋଠାବାଡି ରକ୍ଷଣାବେକ୍ଷଣ -- ୧୫ କୋଟି ଟଙ୍କା

ରାସ୍ତା ଓ ପୋଲର ରକ୍ଷଣାବେକ୍ଷଣ --୬୭.୯୪ କୋଟି ଟଙ୍କା